Teachingninja.in

Latest Govt Job updates

Private Job updates

Free Mock tests available

Visit - teachingninja.in

# Odisha RI

## Previous Year Paper

## 2015

Teachingninja.in

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

**Question Book Serial No.** **ODIA000013** **DRS-2015** **Question Booklet Series Code: A**

**Time Allowed: 01.00 hours** **Full Mark: 50**

ନିର୍ଦ୍ଧାରିତ ସମୟ : ଘ ୦୧.୦୦ମିନିଟ୍ ମୋଟ୍ ମାର୍କ : ୫୦

Read the following instructions carefully before you begin to answer the questions. This Booklet contains 32 questions on Odia language out of which 30 questions are objective and 2 are subjective.

ପ୍ରଶ୍ନଗୁଡିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ । ଏହି ପୁସ୍ତିକାରେ ପ୍ରଶ୍ନଗୁଡିକ ଓଡିଆ ଭାଷା ସମ୍ବନ୍ଧୀୟ 32 ଟି ପ୍ରଶ୍ନ ଦିଆଯାଇଅଛି ଯହିଁରୁ 30 ଟି ସଂକ୍ଷିପ୍ତ ଏବଂ 2 ଟି ବିସ୍ତାରିତ ।

## INSTRUCTIONS FOR CANDIDATES

1. This Booklet contains in all 32 questions of which 30 are of objective type with multiple choice answer and 02 are subjective with long answer.
2. All questions are compulsory. Question No.1 to 25 carry one mark each, No.26 to 30 carry 2 marks each and have to be answered in OMR Answer Sheet. **Question No.31 carry 10 marks, No.32 carry 5 marks and have to be answered in separate Blank Answer Sheet.**
3. Before answering any question, checkup this Booklet and ensure that it contains **08** pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the bank OMR /Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point pen only. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided below the questions wherever needed.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

୧. ଏହି ପୁସ୍ତିକାରେ ନିମ୍ନମତେ ମୋଟ **32** ଟି ପ୍ରଶ୍ନ ଅଛି ଯହିଁରୁ **30** ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ଏବଂ **2** ଟି ଦୀର୍ଘ ଉତ୍ତର ଯୁକ୍ତ ।

୨. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ । ପ୍ରଶ୍ନ କ୍ରମିକ **1** ରୁ **25** ପ୍ରତ୍ୟେକ ଏକ ମାର୍କ, **26** ରୁ **30** ପ୍ରତ୍ୟେକ ଦୁଇ ମାର୍କ ବିଶିଷ୍ଟ ଏବଂ ଓ ଏମ ଆର ଫର୍ଦ୍ଦରେ ଉତ୍ତର ଦେବାକୁ ହେବ । ପ୍ରଶ୍ନ କ୍ରମିକ **31** ରେ **10** ମାର୍କ, **32** ରେ **5** ମାର୍କ ଏବଂ ଏମାନଙ୍କ ଉତ୍ତର ସ୍ୱତନ୍ତ୍ର ଖାଲି ଉତ୍ତର ଫର୍ଦ୍ଦରେ ଲେଖିବାକୁ ହେବ ।

୩. କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ପୁସ୍ତିକାଟି ତନଖି ଦେଖନ୍ତୁକି ଏଥିରେ ୦୮ଟି ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ । କୌଣସି ତ୍ରୁଟିଥିଲେ ତାକୁ ଶୀଘ୍ର ବଦଳ କରାଇ ନିଅନ୍ତୁ ।

୪. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓଏମାର/ଉତ୍ତର ଫର୍ଦ୍ଦ ଦେବେ । ଉତ୍ତର ଫର୍ଦ୍ଦର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ୍ କୋର୍ଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା କାଳି କରନ୍ତୁ । ଏଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।

୫. ଓଏମାର ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ତେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ଫରକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୬. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନକରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତରପତ୍ର ମୂଲ୍ୟାୟନ କରାଯାଇ ପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୭. ଉତ୍ତରଫର୍ଦ୍ଦର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ । କଳା/ନୀଳ ବଲ ପଏଣ୍ଟ ପେନ୍ ଦ୍ୱାରା ଦର୍ଶାଯାଇ ନ ଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।

୮. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣଙ୍କ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର କରି ନ ପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।

୯. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ ।

୧୦. ଯେତେ ଶୀଘ୍ର ଓ ଯତ୍ନସହକାରେ ପାରିବେ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଓ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ ।

୧୧. ଓଏମାର ଉତ୍ତରଫର୍ଦ୍ଦରେ ରଫ୍ କାମ କରିବେ ନାହିଁ । ଯେଉଁଠି ଦରକାର ପ୍ରଶ୍ନଗୁଡିକର ତଳେ ରଫ୍ କାମପାଇଁ ଖାଲିଜାଗା ଦିଆଯାଇଅଛି ।

୧୨. ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖା କାଗଜ, ମୋବାଇଲ ଫୋନ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ଖିଲାପକଲେ ଏହାକୁ ଅସତ୍ ଉପାୟ ଅବଲମ୍ବନବୋଲି ବିବେଚନା କରାଯିବ ଏବଂ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

**ଅନୁଦେଶ:** ନିମ୍ନ ଲିଖିତ ପ୍ରଶ୍ନ ଗୁଡିକ ଠିକ୍ ଭାବେ ପଢ । ଉତ୍ତର ଦେବା ଆଗରୁ ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ନିର୍ଦ୍ଦେଶାନୁସାରେ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । ପ୍ରଶ୍ନ କ୍ରମିକ 1 ରୁ 25 ପ୍ରତ୍ୟେକରେ ଏକ ମାର୍କ, 26 ରୁ 30 ପ୍ରତ୍ୟେକରେ 2 ମାର୍କ ଅଛି ଏବଂ ଏମାନଙ୍କ ସଂକ୍ଷିପ୍ତ ଉତ୍ତର ଚୟନ କରି ଓ ଏମ୍ ଆର୍ ଫର୍ଦ୍ଦରେ ଉଲ୍ଲେଖ କରିବାକୁ ହେବ । ପ୍ରଶ୍ନ କ୍ରମିକ 31 ରେ 10 ମାର୍କ, 32 ରେ 5 ମାର୍କ ଏବଂ ଏମାନଙ୍କ ଦୀର୍ଘ ଉତ୍ତର ସ୍ୱତନ୍ତ୍ର ଖାଲି ଉତ୍ତର ଫର୍ଦ୍ଦରେ ଲେଖିବାକୁ ହେବ ।

1. କେଉଁଟି ବିଶେଷ୍ୟ ଶବ୍ଦ ନୁହେଁ ଚିହ୍ନଟ କର ।

(A) ଢାଉ (B) ବଗଡ (C) କାସାର (D) କାବାଡ

2. ବିଶେଷଣ ଶବ୍ଦଟିକୁ ଚିହ୍ନଟ କର

(A) ତୂର୍ଯ୍ୟ (B) ନମନ (C) ପାଉତି (D) ତୁଷ୍ଟ

3. ଶିକ୍ଷକ- ଏହାର ସ୍ତ୍ରୀ ଲିଙ୍ଗ କେଉଁଟି?

(A) ଶିକ୍ଷିକା (B) ଶିକ୍ଷୟତ୍ରୀ (C) ଶିକ୍ଷାଦାୟିନୀ (D) ଶିକ୍ଷୟିତ୍ରୀ

4. ଶୁଦ୍ଧ ଶବ୍ଦଟି ଚିହ୍ନଟ କର

(A) ଅନିର୍ବାଯ୍ୟ (B) ଅନିବାର୍ଯ୍ୟ (C) ଅନୀବାର୍ଯ୍ୟ (D) ଅନିବାଯ୍ୟ

5. ସ୍ୱାମୀ, ଆଶୀର୍ବାଦ, ଶ୍ରେଷ୍ଠ - ଏହି ତିନୋଟି ଶବ୍ଦର ଅର୍ଥଯୁକ୍ତ ଶବ୍ଦ କେଉଁଟି?

(A) ବର (B) ବଟ (C) ଜ୍ୟେଷ୍ଠ (D) ମହାନ

6. କେଉଁଟି ଚନ୍ଦ୍ରର ପ୍ରତିଶବ୍ଦ?

(A) ସହସ୍ରାଂଶୁ (B) ପ୍ରଭାକର (C) ସୁଧାକର (D) ତପନ

7. 'ସାମ୍ୟ' ଶବ୍ଦର ସଠିକ ବିପରିତାର୍ଥବୋଧକ ଶବ୍ଦ କେଉଁଟି?

(A) ଅସାମ୍ୟ (B) ବୈଷମ (C) ବୈଷମ୍ୟ (D) ବୈଶାମ୍ୟ

8. ନିମ୍ନଲିଖିତ ମଧ୍ୟରୁ କେଉଁଟି ବିସର୍ଗ ସନ୍ଧିର ଉଦାହରଣ

(A) କନିଷ୍ଠ (B) ଶ୍ରେୟସ୍କର (C) ଯଥେଷ୍ଟ (D) ପରୋପକାର

9. ସ୍ୱର ସନ୍ଧି ଟିକୁ ଚିହ୍ନାଅ ।

(A) ମହୌଷଧ (B) ଉଲ୍ଲଂଘନ (C) ପରିଷ୍କାର (D) ସଂଶୟ

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

10. ଯେଉଁ ସମାସରେ ପୂର୍ବ ପଦର ଦ୍ୱିତୀୟା ଠାରୁ ସପ୍ତମୀ ପର୍ଯ୍ୟନ୍ତ କୌଣସି ବିଭକ୍ତି ଲୋପ ପାଇଥାଏ ତାହାକୁ କି ସମାସ କୁହାଯାଏ?
(A) ବହୁବ୍ରୀହି (B) ତତ୍ ପୁରୁଷ (C) ମଧ୍ୟପଦଲୋପୀ କର୍ମଧାରୟ (D) ଅବ୍ୟୟୀଭାବ

11. 'କାଠପୋଲ' ଏଥିରେ କେଉଁ ସମାସ ବ୍ୟବହୃତ ହୋଇଛି?
(A) ଦ୍ୱନ୍ଦ (B) ତତ ପୁରୁଷ (C) ମଧ୍ୟପଦଲୋପୀ କର୍ମଧାରୟ (D) ଅବ୍ୟୟୀଭାବ

12. ଯେ ବେଶି କଥା କୁହେ- ଏକ ପଦରେ ପ୍ରକାଶ କର ।
(A) ମେଳାପି (B) ବାବଦୂକ (C) କଥାକାର (D) କେଉଁଟି ମଧ୍ୟ ନୁହେଁ

13. ପ୍ରତିକୂଳ- ଏ ଶବ୍ଦ ର ଅର୍ଥ କେଉଁଟି?
(A) କୁଳର ସମୀପ (B) କୁଳର ଅନ୍ୟପଟ (C) କୁଳର ବିପରୀତ (D) ସ୍ରୋତର ବିପରୀତ ଦିଗ

14. ସଠିକ ରୁଢି ପ୍ରୋୟୋଗ କରି ଶୂନ୍ୟାସ୍ଥାନ ପୂରଣ କର ।
ଭିକ ନ ଦେଇ ------------------
(A) ଭୋକ ପଚାରିବା (B) ଭାତ ଦେବା (C) ଥାଳ ଭାଙ୍ଗିବା (D) ଗାଳି କରିବା

15. 'କ' ସ୍ତମ୍ଭର ରୁଢି ସହିତ 'ଖ' ସ୍ତମ୍ଭର ଅର୍ଥକୁ ସଂଯୋଗ କରୁଥିବା ସଠିକ୍ ଉତ୍ତରଟିକୁ ଚୟନ କର ।

| କ୍ର.ନ. | 'କ' ସ୍ତମ୍ଭ | କ୍ର.ନ. | 'ଖ' ସ୍ତମ୍ଭ |
|---|---|---|---|
| 1. | କଥା ଗଣ୍ଠି ପକାଇବା | a. | ଅତି ଅନ୍ତରଙ୍ଗ ହେବା |
| 2. | ଘର ଢିଙ୍କି କୁମ୍ଭୀର | b. | ନିଜେ ପରିଶ୍ରମ କରି ସକ୍ଷମ ହେବା |
| 3. | ନିଜ ଶିଙ୍ଗରେ ମାଟି ତାଡିବା | c. | ସାମାନ୍ୟ କଥାକୁ ଧରିବା |
| 4. | ଜଡା ତେଲ ମେଣ୍ଢାବାଳ ହେବା | d. | ଜଗୁଆଳି ଚୋରୀ କରିବା |

(A) 1-a, 2-b, 3-c, 4 –d (B) 4–b, 1-c, 2-a, 3-d (C) 2-d, 1-c, 3-b, 4 –a (D) 3-b, 1-a, 2-d, 4 –c

16. 'କ' ସ୍ତମ୍ଭର ଅସମ୍ପୂର୍ଣ୍ଣ ରୁଢିକୁ ଠିକ୍ ଭାବେ ସଂପୂର୍ଣ୍ଣ କରୁଥିବା 'ଖ' ସ୍ତମ୍ଭର ପଦକୁ ଚୟନକରି ସଠିକ୍ ଉତ୍ତର ଦିଅ ।

| କ୍ର.ନ. | 'କ' ସ୍ତମ୍ଭ | କ୍ର.ନ. | 'ଖ' ସ୍ତମ୍ଭ |
|---|---|---|---|
| 1. | ଉଆଁସୀ କନ୍ୟାକୁ | a. | ମାଆ ଜାଣେ ବାପ |
| 2. | ବଗର ଥଣ୍ଟ ବଢିଲେ | b. | ନିଶ ଉଠା ପାଠ |
| 3. | ମନ ଜାଣେ ପାପ | c. | ସାହାଡା ବର |
| 4. | ଛତୁ ଉଠା କାଠ | d. | ମୀନର ବିପତ୍ତି |

(A) 1-c, 2-d, 3-a, 4 –b (B) 1-c, 2-b, 3-a, 4 –d (C) 1-d, 2-b, 3-a, 4 –c (D) 1-b, 2-d, 3-c, 4 –a

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

17. ଯେଉଁ ବର୍ଣ୍ଣ ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଉଚ୍ଚାରିତ ହୁଏ', ତାହା କେଉଁ ପ୍ରକାର ବର୍ଣ୍ଣ କୁହାଯାଏ?
(A) ବ୍ୟଞ୍ଜନ ବର୍ଣ୍ଣ (B) ବର୍ଗ ବ୍ୟଞ୍ଜନ ବର୍ଣ୍ଣ (C) ସ୍ୱର ବର୍ଣ୍ଣ (D) କଣ୍ଠ୍ୟ ବର୍ଣ୍ଣ

18. କେଉଁଟି କର୍ମ ବାଚ୍ୟ ଚିହ୍ନଟ କର ।
(A) ବ୍ରାହ୍ମଣଙ୍କଦ୍ୱାରା ବେଦ ପାଠ କରାଗଲା । (B) ମୋତେ ସେଠାକୁ ଯିବାକୁ ପଡିବ ।
(C) ସନ୍ଧ୍ୟାସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପାଦନ କର । (D) କେଉଁଟି ନୁହେଁ ।

19. କେଉଁଟି ଭାବ ବାଚ୍ୟ ଚିହ୍ନଟ କର ।
(A) ପିଲାଙ୍କ କ୍ରିକେଟ ଖେଳା ଚାଲିଛି (B) ଆହା! କି ସୁନ୍ଦର ଦୃଶ୍ୟ ।
(C) କାଳିଦାସ ମେଘଦୂତ ରଚନା କରିଥିଲେ । (D) କେଉଁଟି ନୁହେଁ ।

20. ଯା' ସହିତ ଉପମା ଦିଆଯାଏ, ତା'କୁ କ'ଣ କୁହାଯାଏ ?
(A) ଉପମାନ (B) ଉପମେୟ (C) ସାଧାରଣ ଧର୍ମ ବାଚକ ଶବ୍ଦ (D) କୌଣସିଟି ନୁହେଁ

ଅନୁଦେଶ: ନିମ୍ନରେ ଏକ ଅନୁଚ୍ଛେଦରୁ ପ୍ରଦତ୍ତ ପ୍ରତ୍ୟେକ ଓଡିଆ ବାକ୍ୟକୁ ମନ ଦେଇ ପଢ । ତା' ତଳେ ଦିଆଯାଇଥିବା ଚାରିଟି ଇଂରାଜୀ ଅନୁବାଦ ମଧ୍ୟରୁ କେଉଁଟି ସବୁଠୁ ଠିକ୍ ନିର୍ଣ୍ଣୟ କର ।

21. ଦିନେ ଜଣେ ସମ୍ଭ୍ରାନ୍ତ ବ୍ୟବସାୟୀଙ୍କ ଘର ଡକାୟତି ହେଲା ଏବଂ ସେ ତାଙ୍କର ଘରେ କାର୍ଯ୍ୟ କରୁଥିବା ଚାକରମାନଙ୍କ ମଧ୍ୟରୁ ଜଣକୁ ସନ୍ଦେହ କଲେ ।

(A) A rich merchant's house, one day, was stolen and he suspected one servant working in his house.
(B) One day a rich merchant's house was robbed and he suspected one of his servants working in his house.
(C) A rich merchant's house was pilfered and he doubted one servant working in his house, one day.
(D) One day an affluent businessman house was robbed and he suspected one of his servants working in his house.

22. ଗ୍ରାମରେ ବସବାସ କରୁଥିବା ଜଣେ ବୁଦ୍ଧିମନ୍ତ ଜ୍ୟୋତିଷଙ୍କ ପାଖରେ ପହଞ୍ଚି ସେ ତାଙ୍କର ସାହାଯ୍ୟ ପ୍ରାର୍ଥନା କଲେ ।
(A) He approached the intelligent priest in the village and requested for help on the matter.
(B) Reaching near a shrewd astrologer residing in the village, he asked help on the matter.
(C) He approached the clever priest in the village and sought help on the matter.
(D) Approaching a wise astrologer residing in the village, he asked for his help on the matter.

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

23. ପରଦିନ ଜ୍ୟୋତିର୍ବିଦ୍ ତାଙ୍କ ଘରକୁ ଯାଇ ପ୍ରତ୍ୟେକ ଚାକରକୁ ଘଟଣା ସମ୍ବନ୍ଧରେ ପଚାରନ୍ତେ, ସେମାନେ ଏ ବିଷୟରେ କିଛି ଜାଣିଥିବା ଅସ୍ୱୀକାର କଲେ ।

(A) Next day, visiting his house when the priest questioned each of the servants, they refused to know anything about it.
(B) Visiting his house next day, when the priest enquire each of the servants, they denied to know anything about it.
(C) Next day, on visiting his house when the priest questioned each servant, they denied to have known anything about it.
(D) They refused to be knowing anything about it when the priest asked each of the servants reaching his house next day.

24. ତାପରେ ସେ ପ୍ରତ୍ୟେକ ଚାକରକୁ ସମ ଲମ୍ବ ବିଶିଷ୍ଟ ଗୋଟିଏ ଲେଖାଏଁ ବାଡ଼ି ଦେଇ ନିଜ ପାଖରେ ଯତ୍ନ ସହକାରେ ସାଇତି ରଖିବାକୁ ସେମାନଙ୍କୁ ପରାମର୍ଶ ଦେଲେ ଏବଂ କହିଲେ ଯେ ପ୍ରକୃତ ଚୋରର ବାଡ଼ିଟି ପରଦିନ ସକାଳକୁ ସ୍ୱତଃ ଦୁଇ ଇଞ୍ଚ ବୃଦ୍ଧି ହୋଇଯିବ ।

(A) Then giving each servant a stick of equal length, the priest advised to keep it with them carefully and said that the stick of the real thief would grow by two inches next day.
(B) Then the priest asked to keep it with them carefully giving all servants a stick of equal length and said the stick of the real thief will grow by two inches next day.
(C) Giving each servant a stick of equal length, then the priest consulted them to keep it carefully and said that the stick of the actual thief should grow by two inches next day.
(D) Then the priest gave each servant a stick of equal length and request to keep it with them carefully and says the stick of the real thief must grow by two inches next day.

25. ପରବର୍ତ୍ତୀ ଦିନ ବିଜ୍ଞାନୀ ଜ୍ୟୋତିଷ ଦେଖିଲେ ଯେ ଚାକର ମାନଙ୍କ ମଧ୍ୟରୁ ଜଣେ ବାଡ଼ିଟିର ଲମ୍ବ ବୃଦ୍ଧି ହୋଇଯିବା ଭୟରେ ଦୁଇ ଇଞ୍ଚ କାଟି ଛୋଟ କରିଦେଇଛି ।

(A) Next day, the priest discovered that one of the servants cut his stick by two inches fearing the length of it would grow.
(B) On the next day, the priest discovered that one of the servants had cut his stick by two inches fearing its length would grow.
(C) The priest discovers that one of the servants had cut his stick by two inches apprehending it will grow in length next day.
(D) Next day, the priest discover that one servant cut his stick by two inches fearing that it would grow long.

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

**ଅନୁଦେଶ:** ନିମ୍ନଲିଖିତ ଅନୁଚ୍ଛେଦର ବିଷୟ ବସ୍ତୁକୁ ଭଲଭାବେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ଚୟନ କର ।

ନେତୃତ୍ୱ ନେବାର କଳା ଉପରେ ଆଜିର ଆଧୁନିକ ପରିଚାଳନା ବିଶାରଦଗଣ ଅନେକ ତର୍କ ବିତର୍କ କରନ୍ତି । କିଏ କହେ –ନେତୃତ୍ୱ ଏଭଳି ଏକ କଳା ଯାହା କେତେକ ବ୍ୟକ୍ତିଙ୍କର ଜନ୍ମଗତ ପ୍ରବୃତ୍ତି । ଆଉ କେତେକ ମତ ବ୍ୟକ୍ତ କରନ୍ତି – ନେତୃତ୍ୱ ନେବାର କଳାକୁ ମଣିଷ ଶିକ୍ଷା, ପ୍ରଶିକ୍ଷଣ ଓ ଅନୁଭୂତିରୁ ଆୟତ୍ତ କରିଥାଏ । ସେମାନଙ୍କର ଯୁକ୍ତି ଯାହାବି ହେଉ, କିନ୍ତୁ ନରେନ୍ଦ୍ରଙ୍କ କ୍ଷେତ୍ରରେ ତାହା ବାଲ୍ୟକାଳରୁ ଆପଣାଛାଏଁ ପରିସ୍ଫୁଟ ହୋଇଥିଲା । ସମବୟସୀମାନେ ନରେନ୍ଦ୍ରଙ୍କୁ ପ୍ରତ୍ୟେକ ଖେଳକୁଦରେ ନେତା ଭାବେ ଗ୍ରହଣ କରୁଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ – ଯେଉଁମାନେ ତ୍ୟାଗୀ, ସେମାନେ ସାଧାରଣତଃ ନିର୍ଭୀକ । ନିର୍ଭୀକତାରୁ ଜନ୍ମ ନିଏ ନେତୃତ୍ୱ । ନରେନ୍ଦ୍ର କିନ୍ତୁ ଜନ୍ମଦିନରୁ ତ୍ୟାଗୀ ଓ ନିର୍ଭୀକ, ସେଥିପାଇଁ ସମବୟସୀଙ୍କ ମେଳରେ ସେ ଜଣେ ନେତା ଭାବେ ଗୃହିତ ହୋଇଥିଲେ ।

ଏହି ପରିପ୍ରେକ୍ଷୀରେ ଗୋଟିଏ ବିସ୍ମୟକର ଘଟଣା ଏଠାରେ ଅବତାରଣା କରାଯାଉଛି –ନରେନ୍ଦ୍ର ସେତେବେଳେ ମାତ୍ର ୬ ବର୍ଷର ବାଳକ । ଜଣେ ସମ୍ପର୍କୀୟ ବାଳକ ସହିତ ସେ ଚରହକ ମେଳା ଦେଖିବାକୁ ଯାଇଥିଲେ । ଉକ୍ତ ମେଳାରେ ଭଗବାନ ଶିବଙ୍କର ପୂଜା ଉପାସନା କରାଯାଇଥାଏ । ନରେନ୍ଦ୍ର ମେଳାରେ ଶିବଙ୍କର ମୂର୍ତ୍ତି ସବୁ କିଣିଲେ ଏବଂ ସାଙ୍ଗ ସହ ଘରକୁ ଫେରିବା ବାଟରେ ସନ୍ଧ୍ୟା ହୋଇ ସାରିଥିଲା । ମୁହଁ ଅନ୍ଧାରରେ ଦୁହେଁ ଫେରୁଥିବାବେଳେ, ହଠାତ୍ ଗୋଟିଏ ଘୋଡାଗାଡି ଦ୍ରୁତଗତିରେ ମାଡିଆସୁଥିଲା । ନରେନ୍ଦ୍ର ଦେଖିଲେ ଯେ ତାଙ୍କର ସାଙ୍ଗ ରାସ୍ତା ମଝିରେ ଭୟଭୀତ ହୋଇ ଛିଡା ହୋଇଛି । ଗାଡି ଏତେ ପାଖେଇ ଯାଇଥିଲା ଯେ ପିଲାଟି ପଳେଇ ଯିବା ପାଇଁ ସମୟ ନ ଥିଲା । ନରେନ୍ଦ୍ର ସେତେବେଳକୁ ଭାବି ନେଇଥିଲେ, ବନ୍ଧୁ ଜଣକ ନିଶ୍ଚିତଭାବେ ଘୋଡାଖୁରା ତଳେ ଚାପିହୋଇ ମୃତ୍ୟୁ ବରଣ କରିବ । ତାଙ୍କର ଉପସ୍ଥିତି ବୁଦ୍ଧି ଅତି ବିଚକ୍ଷଣ । ମୂର୍ତ୍ତିଗୁଡିକ ଫିଙ୍ଗିଦେଇ ରାସ୍ତା ମଝିରୁ ସାଙ୍ଗକୁ ତତ୍ କ୍ଷଣାତ୍ ଟାଣିଆଣିଲେ । ଘୋଡାଗାଡି କ୍ଷଣିକ ମୁହୂର୍ତ୍ତରେ ଅତିକ୍ରମ କଲା । ପଥଚାରୀମାନେ ବାଳକର ସାହସ ତଥା ନିଜ ଜୀବନକୁ ବିପନ୍ନ କରି ସାଙ୍ଗକୁ ରକ୍ଷା କରିବାର କୌଶଳ ଓ ମାନସିକତା ପରିଲକ୍ଷିତ କରି ତଟସ୍ଥ ହୋଇଗଲେ । ନରେନ୍ ଙ୍କର ପିଠିକୁ ଥାପୁଡାଇ ସେମାନେ ଆଶୀର୍ବାଦ ଦେଇ କହିଉଠିଲେ, "ବାଃ – ସୁନ୍ଦର ବଳକଟିଏ ।" ଘରେ ପହଞ୍ଚିବା ଉତ୍ତାରୁ ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେଦିନ କହିଥିଲେ, "ବାହାଃ ବିଶେଶ୍ୱର, ସବୁଦିନ ମଣିଷଟିଏ ଭଳି ମଣିଷ ହୁଅ ।"

26. ଆଧୁନିକ ପରିଚାଳନା ବିଶେଷଜ୍ଞ ମାନଙ୍କ ମତରେ ନେତୃତ୍ୱ ନବାର କଳା ମଣିଷ କେଉଁ ଠାରୁ ହାସଲ କରିଥାଏ?
   (A) ଏହା ଲୋକମାନଙ୍କର ସହଜାତ ପ୍ରବୃତ୍ତି ।
   (B) ଶିକ୍ଷା ତାଲିମ ଏବଂ ଅଭିଜ୍ଞତାରୁ ମଣିଷ ନେତୃତ୍ୱ ନେବାର କଳା ଅର୍ଜନ କରିଥାଏ ।
   (C) ଉପରୋକ୍ତ A ଏବଂ Bରେ ବର୍ଣ୍ଣିତ ମତେ ।
   (D) କୌଣସିଟି ନୁହେଁ

27. ନରେନ୍ଦ୍ରଙ୍କ ସାଥିମାନେ କାହିଁକି ତାଙ୍କୁ ପ୍ରତ୍ୟେକ ଖେଳକୁଦରେ ନେତା ଭାବେ ଗ୍ରହଣ କରୁଥିଲେ?
   (A) ନରେନ୍ଦ୍ର ପିଲାଦିନରୁ ତ୍ୟାଗୀ ଓ ନିର୍ଭୀକ ଥିବାରୁ ତାଙ୍କ ସାଙ୍ଗମାନେ ତାଙ୍କୁ ନେତାଭାବେ ଗ୍ରହଣ କରୁଥିଲେ ।
   (B) ନରେନ୍ଦ୍ରଙ୍କଠାରେ ବାଲ୍ୟ କାଳରୁ ନେତୃତ୍ୱ ନେବାର କଳା ପରିଲକ୍ଷିତ ହୋଇଥିଲା ।
   (C) ସେ ତାଙ୍କ ସାଙ୍ଗମାନଙ୍କୁ ଖୁବ ଭଲ ପାଉଥିଲେ ।
   (D) ନରେନ୍ଦ୍ର ଖୁବ ସାହସୀ ଥିଲେ ।

28. ଉପରୋକ୍ତ ଗଦ୍ୟାଂଶରେ ଉଲିଖିତ କେଉଁ ଘଟଣାରୁ ନରେନ୍ଦ୍ରଙ୍କ ତ୍ୟାଗ ଏବଂ ନିର୍ଭୀକତାର ଦୃଷ୍ଟାନ୍ତ ମିଳେ?
   (A) ଚରହକ ମେଳାରୁ ଫେରୁଥିବା ବେଳେ ତାଙ୍କ ସାଙ୍ଗକୁ ବଞ୍ଚାଇବାକୁ ଘୋଡା ଗାଡିକୁ ଅଟକାଇଥିଲେ ।
   (B) ଚରହକ ମେଳାରୁ ଫେରୁଥିବା ବେଳେ ଧାବମାନ ଘୋଡାଗାଡି ମୁହଁରୁ ତାଙ୍କ ସାଙ୍ଗଙ୍କୁ ଟାଣି ଆଣିଥିଲେ ।
   (C) ଚରହକ ମେଳାରୁ ଫେରୁଥିବା ବେଳେ କିଣିଥିବା ଶିବମୂର୍ତ୍ତୀ ସବୁ ଫିଙ୍ଗି ନିଜ ଜୀବନକୁ ଖାତିରି ନ କରି ତାଙ୍କ ସାଙ୍ଗକୁ ଧାବମାନ ଘୋଡାଗାଡି ମୁହଁରୁ ଟାଣିଆଣି ବଞ୍ଚାଇଥିଲେ ।
   (D) ଚରହକ ମେଳାରୁ ଫେରୁଥିବା ବେଳେ ତାଙ୍କ ବନ୍ଧୁଙ୍କୁ ଆସନ୍ନ ମୃତ୍ୟୁ ମୁଖରୁ ବଞ୍ଚାଇ ଥିଲେ ।

Teachingninja.in

# ଓଡିଆ ଭାଷା ଓ ହସ୍ତାକ୍ଷର

29. ଚରହକ ମେଳାରୁ ଫେରୁଥିବା ବେଳେ ପଥଚାରୀମାନେ କାହିଁକି ନରେନ୍ଦ୍ରଙ୍କୁ ଆଶୀର୍ବାଦ ଦେଲେ?
 (A) ତାଙ୍କର ବିଚକ୍ଷଣ ଉପସ୍ଥିତି ବୁଦ୍ଧି ଯୋଗୁଁ।
 (B) ତାଙ୍କର ସାହସ ଏବଂ ଜୀବନକୁ ବିପନ୍ନ କରି ସାଙ୍ଗକୁ ରକ୍ଷା କରିବାର କୌଶଳ ଓ ମାନସିକତା ପାଇଁ।
 (C) କିଣିଥିବା ମୂର୍ତ୍ତିଗୁଡିକୁ ଫିଙ୍ଗି ଦେଇ ତ୍ୟାଗର ନିଦର୍ଶନ ଦେଇଥିଲେ।
 (D) ସାଙ୍ଗକୁ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବିପନ୍ନ କରିଥିଲେ।

30. ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେ ଦିନ କହିଥିଲେ 'ବାହାଃ ବିଶେଶ୍ୱର, ସବୁଦିନ ମନିଷଟିଏ ଭଳି ମଣିଷ ହୁଅ" –ଏହାକୁ ପରୋକ୍ଷ ଉକ୍ତିରେ ପରିବର୍ତ୍ତନ କର?
 (A) ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେ ଦିନ କହିଥିଲେ ବିଶେଶ୍ୱର, ସବୁଦିନ ମଣିଷଟିଏ ଭଳି ତୁମେ ମଣିଷ ହୁଅ।
 (B) ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେ ଦିନ ବିଶେଶ୍ୱରଙ୍କୁ ଆଶୀର୍ବାଦ ଦେଇଥିଲେ ଯେ ସେ ସବୁଦିନ ମଣିଷଟିଏ ଭଳି ମଣିଷ ହୁଅନ୍ତୁ।
 (C) ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେ ଦିନ ବିଶେଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ ଯେ ତୁମେ ସବୁଦିନ ମଣିଷଟିଏ ଭଳି ମଣିଷ ହୁଅ।
 (D) ତୁମେ ସବୁଦିନ ମଣିଷଟିଏ ଭଳି ମଣିଷ ହୁଅ ବୋଲି ଭୁବନେଶ୍ୱରୀ ଦେବୀ ସମସ୍ତ ଘଟଣା ଶୁଣି ସେଦିନ ବିଶେଶ୍ୱରଙ୍କୁ କହିଥିଲେ।

31. ସ୍ୱତନ୍ତ୍ର ଖାଲି ଉତ୍ତର ଫର୍ଦ୍ଦରେ ନିମ୍ନୋକ୍ତ କୌଣସି ଗୋଟିଏ ବିଷୟରେ ନିଜ ଭାଷାରେ **250** ଟି ଶବ୍ଦ ମଧ୍ୟରେ ପ୍ରବନ୍ଧଟିଏ ଲେଖ।

ଜଳବାୟୁ ପ୍ରବର୍ତ୍ତନ ବନାମ ଅର୍ଥନୈତିକ ଅଭିବୃଦ୍ଧି

କିମ୍ବା

ବୈଦ୍ୟୁତିକ ଅଗ୍ରଗତି ଭାରତୀୟ ସଂସ୍କୃତିର ପରିପନ୍ଥୀ କି ?

କିମ୍ବା

ଗୋଟିଏ ମନୋରମ ପ୍ରାକୃତିକ ପରିବେଷରେ ସାହିତ୍ୟିକ ଅନୁଭୂତି

32. ସ୍ୱତନ୍ତ୍ର ଖାଲି ଉତ୍ତର ଫର୍ଦ୍ଦରେ ନିମ୍ନୋକ୍ତ କୌଣସି ଗୋଟିଏ ବିଷୟରେ ନିଜ ଭାଷାରେ **150** ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ।

ଭଉଣୀ ଆବାସିକ ବିଦ୍ୟାଳୟରେ ବିଜ୍ଞାନରେ ଦ୍ୱାଦଶ ଶ୍ରେଣୀରେ ପଢୁଅଛି। ଜଣେ ଶିକ୍ଷିତ ବଡ ଭାଇ ଭାବରେ ତା' ପାଖକୁ ଗୋଟିଏ ପ୍ରେରଣା ଦାୟକ ଚିଠି ଲେଖ।

କିମ୍ବା

ଇଣ୍ଟର ନେଟ୍ ମଧ୍ୟରେ ମଗାଯାଇଥିବା ବହିଟିରେ ଅନେକ ତ୍ରୁଟି ରହିଛି ଏବଂ କିଛି ପୃଷ୍ଠା ଅଛପା ରହିଛି। ତ୍ରୁଟିହୀନ ବହିଟିଏ ପଠାଇବାକୁ ବିକ୍ରେତା ପାଖକୁ ସମୁଚିତ ପତ୍ରଟିଏ ଲେଖ।

Teachingninja.in

# SPACE FOR ROUGH WORK

Teachingninja.in

Teachingninja.in